ଧରିତ୍ରୀ
DHARITRI
ମଙ୍ଗଳବାର, ୧୨ ଏପ୍ରିଲ୍, ୨୦୨୨



## ସଂକ୍ଷେପରେ

### ଆକ୍ରମଣ ଘଟଣା, ୨ ଗିରଫ
#### ଗୁଳି ଓ ବୋମାମାଡ଼ରେ ସମ୍ପୃକ୍ତି ନେଇ ଚାଲିଛି ତଦନ୍ତ

**ଢେଙ୍କାନାଳ ଅଫିସ,୧୧।୪:** ଢେଙ୍କାନାଳ ପୌରାଧକ୍ଷାଙ୍କ ଘର ଉପରକୁ ଗତ ୩୦ ତାରିଖ ରାତିରେ ଗୁଳିମାଡ଼ ପୂର୍ବରୁ ଦୁର୍ବୃତ୍ତମାନେ ସିମିଳିଆ ଅଞ୍ଚଳର ଶୈଳେନ୍ଦ୍ର ନାରାୟଣ ସାହୁଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଏବଂ ଆର୍ତ୍ତବନ୍ଧୁ ମଲ୍ଲିକଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଶନିବାର ବିଳମ୍ବିତ ରାତିରେ ପୌରାଧକ୍ଷାଙ୍କ ଘର ଉପରକୁ ବୋମାମାଡ ହୋଇଥିଲା। ଏହି ୩ଟି ଘଟଣାରେ ଟାଉନ ଥାନାରେ ନଂ-୧୮୫।୨୨, ୧୮୬।୨୨ ଓ ୨୧୩।୨୨ରେ ୩ଟି ମାମଲା ରୁଜୁ ହୋଇଥିଲା। ଶୈଳେନ୍ଦ୍ର ନାରାୟଣ ସାହୁଙ୍କ ଅଭିଯୋଗ କ୍ରମେ ରୁଜୁ ହୋଇଥିବା ନଂ-୧୮୫।୨୨ରେ ପୋଲିସ ବାଜିଚୌକ ଅଞ୍ଚଳର ବିଶ୍ୱଜିତ ବେହେରା ଓରଫ ପାଣ୍ଡେ ଓ ରାମେଶ୍ୱରପୁର ଅଞ୍ଚଳର ଟିଟୁ ସାହୁଙ୍କୁ ଆରଦା ଗ୍ରାମାଞ୍ଚଳରୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ସୂତ୍ରରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ଅନ୍ୟ ୨ଟି ମାମଲାରେ ମଧ୍ୟ ଅଭିଯୁକ୍ତ ଥିବା ଜଣାପଡିଛି। ତଥାପି ପୋଲିସ ସେମାନଙ୍କୁ କେବଳ ଗୋଟିଏ ମାମଲାରେ ଅଭିଯୁକ୍ତ କରିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ବିକାଶ ବେଉରା କହିଛନ୍ତି, କେସ୍ ନଂ-୧୮୫।୨୨ରେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅନ୍ୟ ଦୁଇଟି କେସ୍‌ରେ ସେମାନଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି।

### ହୁଣ୍ଡିରୁ ମିଳିଲା ୪.୮୮ ଲକ୍ଷ



**ତାଳଚେର,୧୧।୪(ନି.ପ୍ର):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡି ସୋମବାର ଖୋଲା ଯାଇଥିଲା। ଟ୍ରଷ୍ଟବୋର୍ଡ ସଦସ୍ୟ ରାଜେନ୍ଦ୍ର କୁମାର ସିଂ, ସନ୍ତୋଷ ପ୍ରଧାନ, ଗଗନବିହାରୀ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲା ଯାଇ ୪ ଲକ୍ଷ ୮୮ ହଜାର ୪୫୦ଟଙ୍କା ସଂଗ୍ରହ ହୋଇଥିଲା। ଧୂଳେଶ୍ୱର ବେହେରା, ପଞ୍ଚାନନ ବେହେରା, ବିନୟ ମହାନ୍ତି, ସିପୁନ ବାରିହା, ଜୟନ୍ତ ଦେହୁରୀ, ମଳୟ ମହାନ୍ତି, ଜିନେଶ ସାମଲ, ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ବ୍ୟାଙ୍କ କର୍ମଚାରୀ ଗୁରୁତର

**ଛେଣ୍ଡିପଦା,୧୧।୪(ସ୍ୱ.ପ୍ର.):** ଛେଣ୍ଡିପଦା-ବୁଢ଼ାପାଳ ରାଜପଥର ମାମୁରିଆସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ବାଇକ୍ ଦୁର୍ଘଟଣାରେ ଚାଳକ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ଲିଙ୍ଗରାଜ ଦଳେଇ ଗୁରୁତର ହୋଇଛନ୍ତି। ଲିଙ୍ଗରାଜ କୁଲୁମା ବରପଦା ଅଞ୍ଚଳରେ ଥିବା ୟୁନିୟନ ବ୍ୟାଙ୍କରେ କାର୍ଯ୍ୟ କରୁଛନ୍ତି। ସୋମବାର ସକାଳେ ସେ ବାଇକ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଏକ କୁକୁର ସମ୍ମୁଖକୁ ଆସି ଯିବାରୁ ଦୁର୍ଘଟଣା ଘଟିଥିଲା। ତାଙ୍କୁ ପ୍ରଥମେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଅବକାରୀ ଚଢ଼ାଉ, ୩ ଗିରଫ

**ବଇଣ୍ଡା,୧୧।୪(ଡି.ଏନ.ଏ.):** ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଠାକୁରଗଡ଼ ଥାନା ଗୁଣ୍ଡୁରୀ ଗ୍ରାମରେ ଚଢ଼ାଉ କରାଯାଇ ୫୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଶିଟୁ ଭୋଇ, ବାୟାଣୀ ଭୋଇ, ଗୋଲାପ ଭୋଇଙ୍କୁ ଗିରଫ କରାଯାଇଛି। ସେମାନେ କିଛିଦିନ ହେବ ବେଆଇନ ଭାବେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡନାୟକ, ଏଏସ୍‌ଆଇ ରମେଶ ଚନ୍ଦ୍ର ବେହେରା, ଅମର ଦୀପ କୁଜୁର, କୁନ୍ତଳା ବେହେରା ପ୍ରମୁଖ ଚଢ଼ାଉ କରିଥିଲେ।

### ଗ୍ରାମ୍ୟ କମିଟି ଗଠିତ

**ବଁଅରପାଳ,୧୧।୪(ଡି.ଏନ.ଏ.):** ବଁଅରପାଳ ବ୍ଲକ ଚଉରିଡ଼ିହ ଗ୍ରାମରେ ନୂଆ କମିଟି ଗଠନ ହୋଇଛି। ଆଇନଜୀବୀ ଦୁଷ୍ମନ୍ତ ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭରତ ଚନ୍ଦ୍ର ମାଝି ଓ ଅଭୟ ସେନାପତି ଅତିଥି ଭାବେ ଯୋଗ ଦେଇଥିଲେ। ନୂଆ କମିଟି ସଭାପତି ଭବେ ଅଞ୍ଜନ କୁମାର ସାହୁ, ଉପସଭାପତି ଭାବେ ବୁଦ୍ଧିମନ୍ତ ସହୁ, ସମ୍ପାଦକ ମନୋଜ କୁମାର ସାହୁ, ସହସମ୍ପାଦକ ଅନିଲ ସାହୁ, କୋଷାଧକ୍ଷ ଭାବେ ମାନସ ସାହୁଙ୍କୁ ଚୟନ କରାଯାଇଛି। ସେହିପରି କମିଟି ଉପଦେଷ୍ଟା ଭାବେ ସାରଙ୍ଗ ଧର ସାହୁ, ଗୋବିନ୍ଦ ସାହୁ, ବିକାଶ ସାହୁ, ବ୍ରଜବନ୍ଧୁ ସାହୁ, ଜିତୁ ସାହୁ, ବିରଞ୍ଚି ସାହୁ, ମିଲୁ ସାହୁ ଓ ଗୌରାଙ୍ଗ ସାହୁଙ୍କୁ ଚୟନ କରାଯାଇଛି।

# 'ସମସ୍ତଙ୍କ ସହଯୋଗରେ ବିକାଶ ସମ୍ଭବ'

**ଢେଙ୍କାନାଳ ଅଫିସ,୧୧।୪**

ଢେଙ୍କାନାଳ ଜିଲାରେ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ନିମନ୍ତେ ସୋମବାର ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ଭିଡିଓ କନଫରେନ୍ସିଂ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗଦେଇ ସମସ୍ତଙ୍କ ସହଯୋଗରେ ଜିଲାର ସାମଗ୍ରିକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ତେବେ ଏ ଦିଗରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ନିଜ ନିଜ ଅଞ୍ଚଳର ଅଭାବ ଅସୁବିଧାକୁ ଦୃଷ୍ଟିରେ ରଖି ଯୋଜନା ଓ ପ୍ରକଳ୍ପ ପ୍ରସ୍ତାବ ଦେବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ଜିଲାପାଳ ସରୋଜ କୁମାର ସେଠୀ କାମାକ୍ଷାନଗର, ଭୁବନ, କଙ୍କଡାହାଡ ଓ ପରଜଙ୍ଗ ବ୍ଲକର ନିର୍ବାଚିତ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଜିଲାରେ ଅସମ୍ପୂର୍ଣ୍ଣ ରହିଯାଇଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଶେଷକରିବାକୁ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ୪୬ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ସେମାନଙ୍କ ସହିତ ସମନ୍ୱୟ ରକ୍ଷା କରି ଯୋଜନା ପ୍ରସ୍ତୁତି ଓ ସଫଳ ରୂପାୟନ ଦିଗରେ ଧ୍ୟାନ ଦେବାକୁ କହିଥିଲେ। ଚଳିତବର୍ଷ ଶେଷ ସୁଦ୍ଧା ଜିଲାର ସମସ୍ତ ଘରକୁ ପାଇପ୍ ପାନୀୟଜଳ ଯୋଗାଣ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସହଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ରେଭିନ୍ୟୁ ରେଷ୍ଟହାଉସ, ବସ୍‌ଷ୍ଟାଣ୍ଡ, ଗ୍ରାମ୍ୟରାସ୍ତା ଓ ରୁରାଲ ପାର୍କ ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ କହିଥିଲେ। ଗର୍ଭବତୀ ଓ ଶିଶୁମାନଙ୍କ ଅପପୁଷ୍ଟି ରୋକିବା, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥା ସହିତ ଆବଶ୍ୟକସ୍ଥଳେ ଜଳଛତ୍ର ଖୋଲିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ଜିଲା ଗ୍ରାମ୍ୟ ଜଳଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ବିଡିଓ, ତହସିଲଦାର ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ଜିଲାର ସମସ୍ତ ଚିକିତ୍ସାଳୟ କର୍ମକର୍ତ୍ତା ଯୋଗ ଦେଇଥିଲେ।




ଉନ୍ନୟନମୂଳକ ଯୋଜନା ସମ୍ପର୍କିତ ବୈଠକରେ ଅଧିକାରୀ ଓ ଜନପ୍ରତିନିଧିମାନେ।

## ଚିତ୍ରଶିଳ୍ପୀ କୁବେରଙ୍କୁ ସମ୍ବର୍ଦ୍ଧନା

**ବଇଣ୍ଡା,୧୧।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡା ଗ୍ରାମର ଚିତ୍ରଶିଳ୍ପୀ କୁବେର ବାରିକଙ୍କୁ ଚିତ୍ରକଳା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ଗୋଆର ଉଜାଲା ଆର୍ଟ ଗ୍ୟାଲେରିଠାରେ ଆୟୋଜିତ ରାଇଡର୍ ଗ୍ରୁପ ପକ୍ଷରୁ ଅନୁଷ୍ଠିତ ଚିତ୍ର ପ୍ରଦର୍ଶନୀରେ ମୁଖ୍ୟଅତିଥି ଭାବେ ଗୋଆ କଲେଜ ଅଫ୍ ଆର୍ଟ ଅବସରପ୍ରାପ୍ତ ଅଧ୍ୟକ୍ଷ ମହେଶ ଭେଙ୍ଗୁଲାକର ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଚିତ୍ର ପ୍ରଦର୍ଶନୀରେ କୁବେର ଅଂଶଗ୍ରହଣ କରି ତାଙ୍କ ତୁଳିରେ ବହୁ ଚିତ୍ର ଆଙ୍କିଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।



କୁବେରଙ୍କୁ ଗୋଆଠାରେ ସମ୍ବର୍ଦ୍ଧିତ କରାଯାଇଛି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଭାପୁର,୧୧।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭାପୁରସ୍ଥିତ ଦେବେନ୍ଦ୍ର ଶତପଥୀ ସ୍ମାରକୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ତଥା ଉପଜିଲାପାଳ ସୁଶ୍ରୀ ସ୍ନିଗ୍ଧା ଧଳ, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ହରିହର ପଞ୍ଝିଆତି ଯୋଗଦେଇ ବିପଦ ସମୟରେ ନିଜକୁ କିପରି ସୁରକ୍ଷିତ ରଖିପାରିବ ସେ ନେଇ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ର ଶେଖର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଗୃହବିଜ୍ଞାନ ଅଧ୍ୟାପିକା ମୋନାଲିସା ରାଉତରାୟ ସଭା ପରିଚାଳନା କରିଥିଲେ। ସମାଜ ବିଜ୍ଞାନ ଅଧ୍ୟାପକ ସୁନୀଲ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ଶିବିରରେ ଯୋଗଦେଇଥିବା ଅତିଥିଙ୍କ ସମେତ ଅନ୍ୟମାନେ।

## ୧୧ ଫୁଟିଆ ଅହିରାଜ ଉଦ୍ଧାର

**ଢେଙ୍କାନାଳ ଅଫିସ,୧୧।୪**

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ କାଳିଆପଥର ଗ୍ରାମରୁ ଆୱାର୍ଡ ପରିବାରର ବନ୍ୟଜୀବ ଓ ସାପ ଉଦ୍ଧାରକାରୀ ଦଳ ଏକ ୧୧ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରିଛନ୍ତି। ସାପଟି ଗଣେଶ୍ୱର ନାଏକଙ୍କ ଘରେ ଖାଦ୍ୟ ଅନ୍ୱେଷଣରେ ପଶିଥିଲା। ଏହା ଦେଖି ଗ୍ରାମବାସୀ ଉଦ୍ଧାରକାରୀ ଦଳ ଏବଂ ବନବିଭାଗକୁ ଯୋଗାଯୋଗ କରିଥିଲେ। ହିନ୍ଦୋଳ ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ, ବନପାଳ ସୁଦର୍ଶନ ଦେହୁରୀ ଏବଂ ଉଦ୍ଧାରକାରୀ ଦଳର ସଦସ୍ୟ ସୌମ୍ୟଜିତ୍ ରଥ, ଦେବୀ ପ୍ରସନ୍ନ ଦାସ ଓ ଦୀପକ ସିଂ ପହଞ୍ଚି ଅହିରାଜକୁ ଉଦ୍ଧାର କରି ଗଣ୍ଡାନାଳୀ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ। ଏହି ବିରଳ ପ୍ରଜାତିର ଅହିରାଜ ଢେଙ୍କାନାଳ ବନଖଣ୍ଡର ସଦର, କପିଳାସ, କାମାକ୍ଷାନଗର, ଭୁବନ ଏବଂ ମହାବିରୋଡ ବନାଞ୍ଚଳରେ ଦେଖାଯାଇଥାନ୍ତି ବୋଲି ପରିବାର ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଜଳଛତ୍ର




ଜଳଛତ୍ର କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଢେଙ୍କାନାଳ ଅଫିସ,୧୧।୪**

ଅତ୍ୟଧିକ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସୋମବାର ଢେଙ୍କାନାଳ ରଥଗଡା ଅଞ୍ଚଳରେ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଓ ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅସହ୍ୟ ତାତି ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଏହି ଜଳଛତ୍ର ଦ୍ୱାରା ଉଠା ଦୋକାନୀ, ଗ୍ରାହକ ଓ ଯାତ୍ରୀମାନେ ଉପକୃତ ହେବେ ବୋଲି ପୌରାଧକ୍ଷା କହିଥିଲେ। ଆଗାମୀ ଦିନରେ ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବାଜିଚୌକଠାରେ ଜଳଛତ୍ର ଖୋଲାଯିବା ସହିତ ପଶୁପକ୍ଷୀଙ୍କ ପାଇଁ ଜଳକୁଣ୍ଡ କରାଯିବ ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ଉପସ୍ଥିତ ଥିଲେ।

## ଛଣବୋଲୁଅକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି



ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଛଣବୋଲୁଅ ଗ୍ରାମବାସୀ।

**ଢେଙ୍କାନାଳ ଅଫିସ, ୧୧।୪**

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ରାଜସ୍ୱ ନିରୀକ୍ଷକ ସର୍କଲର ଛଣବୋଲୁଅ ଗ୍ରାମକୁ ରାଜସ୍ୱ ମାନ୍ୟତା ପ୍ରଦାନ ପାଇଁ ଗ୍ରାମବାସୀ ସୋମବାର ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ନାଗିଆପଶି ପଞ୍ଚାୟତ ୯ନଂ. ୱାର୍ଡର କୃଷ୍ଣକୁମାରପୁର ନାମରେ ଥିବା ରାଜସ୍ୱ ଗ୍ରାମର ଅଂଶବିଶେଷ ହେଉଛି ଛଣବୋଲୁଅ। ଏହି ଗ୍ରାମରେ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର ଓ ଉତ୍ତରପାର୍ଶ୍ୱରେ ରାଜ୍ୟ ଦେବୋତ୍ତର କମିଶନ ଅଧୀନରେ ଥିବା ମା' କନକେଶ୍ୱରୀଙ୍କ ମନ୍ଦିର ରହିଛି। ଢେଙ୍କାନାଳ ସଦର ମହକୁମାଠାରୁ କପିଳାସ ଯାଇଥିବା ରାସ୍ତାର ୧୦ କିଲୋମିଟର ଦୂରରେ ଥିବା ଏହି ଗ୍ରାମର ଜନସଂଖ୍ୟା ହେଉଛି ୫ଶହ। ତେଣୁ ଏହାକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ପାଇଁ ଗ୍ରାମର କାଳନ୍ଦୀ ଚରଣ ମିଶ୍ର, ଜଗନ୍ନାଥ ସ୍ୱାଇଁ, ଅଜିତ୍ ମାଝିଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଭଙ୍ଗପାଳରେ ହାତୀ ଉପଦ୍ରବ

**ଛେଣ୍ଡିପଦା,୧୧।୪(ସ୍ୱ.ପ୍ର.):**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଭଙ୍ଗପାଳ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଉପଦ୍ରବ କରିଛି। ହାତୀଟି ଗ୍ରାମର ମେଘୁ ନାୟକଙ୍କ ଘର ଭାଙ୍ଗିଦେବା ସହ ଘରେ ଥିବା ୨ ବସ୍ତା ଧାନ ଓ ହାଣ୍ଡିରୁ ଭାତ ଖାଇ ନଷ୍ଟ କରିଦେଇଛି। ଘର ଭିତରେ ଥିବା ମେଘୁଙ୍କ ପରିବାରର ୫ ଜଣ ସଦସ୍ୟ ଜୀବନବିକଳରେ ବାହାରକୁ ଦୌଡ଼ି ପଳାଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ବନ କର୍ମଚାରୀମାନେ ପହଞ୍ଚି ରାତି ତମାମ ହାତୀ ଘଉଡ଼ାଇବାକୁ ଉଦ୍ୟମ କରି ସଫଳ ହୋଇଥିଲେ। ଦନ୍ତାହାତୀ ଦିନତମାମ ନିକଟସ୍ଥ ଜଙ୍ଗଲରେ ରହୁଥିବାବେଳେ ରାତିରେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତୁରନ୍ତ ବନବିଭାଗ କ୍ଷୟକ୍ଷତି ଆକଳନ କରି ମେଘୁଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସୁବର୍ଣ୍ଣ ରାମତିଳକ, ରୁପାଚାମର ଅର୍ପଣ

**ଢେଙ୍କାନାଳ ଅଫିସ,୧୧।୪**

ଢେଙ୍କାନାଳ ଶ୍ରୀବଳରାମ ମନ୍ଦିର ପରିସରରେ ଥିବା ପ୍ରଭୁ ଶ୍ରୀଶ୍ରୀ ରାମଚନ୍ଦ୍ର ଜୀଉଙ୍କ ମନ୍ଦିରରେ ରାମନବମୀ ଅବସରରେ ଶ୍ରୀରାମ ସେବା ସଦନ ପକ୍ଷରୁ ମହାପ୍ରଭୁଙ୍କୁ ସୁବର୍ଣ୍ଣ ରାମତିଳକ ଓ ରୁପାବେଷ୍ଟ ଥିବା ଚାମର ଅର୍ପଣ କରାଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ରାମାୟଣ ପାଠ କରାଯାଇଥିଲା। ଶ୍ରୀଜୀଉଙ୍କ ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହୋଇଥିଲା। ଯାଉଁଳିପୋଖରୀ ମଠ ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜ ଓ ଯୁବରାଜ ଅମରଜ୍ୟୋତି ସିଂହଦେଓ ସନ୍ଧ୍ୟା ଆଳତି କରିଥିଲେ। ପୂଜକ ମଳୟ କର ପୂଜାକାର୍ଯ୍ୟ କରିଥିଲେ। ଶ୍ରୀରାମ ସେବା ସଦନ ଅଧ୍ୟକ୍ଷ ଦୀପକ ମିଶ୍ର, ସମ୍ପାଦକ ଦେବଦତ୍ତ ପଣ୍ଡା, ସଭାପତି ସୁଶୀଲ ପୁରୁଷୋତ୍ତମ, ଉପସଭାପତି ମୁରଲୀଧର ଭଞ୍ଜ, ସହ ସମ୍ପାଦକ ମହେଶ ଅଗ୍ରୱାଲ ଓ ସୁନୀଲ ପଣ୍ଡା, କୋଷାଧକ୍ଷ ହିମାଂଶୁ ନନ୍ଦ ପ୍ରମୁଖ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



## ଫଟୋରେ ଖବର



ଅନୁଗୋଳ ଅମଲାପଡ଼ାଠାରେ ମା' ବାସନ୍ତୀ ଦୁର୍ଗାଙ୍କ ଦଶମୀ ପୂଜା ବେଳେ ଭକ୍ତମାନେ ଦର୍ଶନ କରୁଛନ୍ତି।



ଅନୁଗୋଳ ହାଇସ୍କୁଲ ପଡ଼ିଆରେ ଚାଲିଥିବା ପଲ୍ଲିଶ୍ରୀ ମେଳାକୁ ଆସିଥିବା ଗ୍ରାହକମାନେ ଫୁଲ କିଣୁଛନ୍ତି। (ଫଟୋ– ବୁବୁ)

# ଅଚଳ ନଳକୂପ ମରାମତି କର



ବୈଠକରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଓ ଅନ୍ୟମାନେ।

### ଆଠମଲ୍ଲିକ ବ୍ଲକ ସଭାଗୃହରେ ସମୀକ୍ଷା ବୈଠକ

**ବଇଣ୍ଡା,୧୧।୪(ଡି.ଏନ.ଏ.)**

ପ୍ରତ୍ୟେକ ଗ୍ରାମକୁ ପାଇପ୍‌ ଯୋଗେ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାରେ କିପରି ସୁଧାର ଅଣାଯିବ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ଏହି ଯୋଜନାକୁ କିଭଳି ସମସ୍ତ ପରିବାର ନିକଟରେ ପହଞ୍ଚାଯାଇ ପାରିବ ସେଥିପ୍ରତି ପଞ୍ଚାୟତ ପ୍ରତିନିଧିମାନେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ସୋମବାର ଆଠମଲ୍ଲିକ ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ମତପ୍ରକାଶ କରିଛନ୍ତି। ବ୍ଲକ ଅଧକ୍ଷ ଦୁଃଶାସନ ରାଉଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଡିଓ ସନ୍ତୋଷ କୁମାର ସାହୁ, ବ୍ଲକ ଉପାଧକ୍ଷା ମମତା ମହାଖୁଡ଼, ଜିଲାପରିଷଦ ସଦସ୍ୟା ରଶ୍ମିରେଖା ମାହାର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢିଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଗକୁ ପ୍ରବଳ ଖରା ହେଉଥିବାବେଳେ ଅଚଳ ଥିବା ସମସ୍ତ ନଳକୂପ କିଭଳି ମରାମତି କରାଯିବ ଓ ଯେଉଁ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗି ରହିଛି ସେହି ଗ୍ରାମଗୁଡ଼ିକରେ ନୂତନ ନଳକୂଅ ଖୋଳାଯାଇ ପାନୀୟ ଜଳ ଯୋଗାଇ ଦିଆଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

# ଡମଣା ଗିଳିଥିବା ଅହିରାଜ ଉଦ୍ଧାର

**ଅନୁଗୋଳ ଅଫିସ,୧୧।୪**



ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଟିକରପଡା ଗ୍ରାମରୁ ରବିବାର ଏକ ୧୩ ଫୁଟ ଲମ୍ବର ଅହିରାଜ ଉଦ୍ଧାର କରାଯାଇଛି। ଅହିରାଜ ଏକ ୭ ଫୁଟ ଲମ୍ବର ଡମଣା ସାପକୁ ଗିଳି ଦେଇଥିଲା। ଫଳରେ ଆଉ ଯାଇ ନ ପାରି ଗ୍ରାମର ଜଣକ ଘରେ ପଶିଯାଇଥିଲା। ପରିବାର ଲୋକେ ଘର ଭିତରେ ସାପକୁ ଦେଖି ନିକଟସ୍ଥ ସାତକୋଶିଆ ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ଲକ୍ଷ୍ମଣ ମିଁଢାଙ୍କ ସହ ଅନୁଗୋଳର ସର୍ପମିତ୍ର ଆଦିତ୍ୟ ବେହେରା, ସର୍ପଉଦ୍ଧାରକାରୀ ଶିବାନୀ ଦେହୁରୀ, ପିଣ୍ଟୁ ବେହେରା, ମୁନୁ ବାରିକ ଓ ଅଜୟ ଭୋଇ ପ୍ରମୁଖ ପହଞ୍ଚି ଅହିରାଜକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ପୂର୍ବରୁ ଗିଳିଥିବା ଡମଣା ସାପଟିକୁ ଅହିରାଜ ବାହାର କରି ଦେଇଥିଲା। ସେତେବେଳକୁ ଡମଣା ସାପଟି ମରି ସାରିଥିଲା ଏବଂ ଡମଣା ସାପ ପାଟିରୁ ଏକ ମଲା କୁକୁଡା ଚିଆଁ ବାହାରିଥିଲା। ପରବର୍ତ୍ତୀ ସମୟରେ ସାପଟିକୁ ଟିକରପଡା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଘଟଣା ସମ୍ପର୍କରେ ସାତକୋଶିଆ ବନଖଣ୍ଡ ଅଧିକାରୀ ଏବଂ ଟିକରପଡା ବନାଞ୍ଚଳ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ସାପଟି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜାଣି ବନକର୍ମଚାରୀଙ୍କ ଉପସ୍ଥିତିରେ ନିକଟସ୍ଥ ସୁରକ୍ଷିତ ପ୍ରାକୃତିକ ଆବାସସ୍ଥଳୀରେ ଛାଡି ଦିଆଯାଇଥିଲା।

## ସଂକ୍ଷେପରେ

### ୧୪ରେ ସାମ୍ବତ୍ସରିକ ଉତ୍ସବ

ଅନୁଗୋଳ ଅଫିସ,୧୧।୪- ଅନୁଗୋଳ ଜିଲା ସାହିତ୍ୟ ସଂସଦର ସାମ୍ବତ୍ସରିକ ବିଷୁବ ମିଳନ ଉତ୍ସବ ଆସନ୍ତା ୧୪ ତାରିଖରେ ରୋଟାରି ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଭାବେ ପ୍ରଫେସର ଜୟନ୍ତ କୁମାର ବିଶ୍ୱାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପୂର୍ବାହ୍ନରେ ୯ଟା ୩୦ରେ ପଞ୍ଜୀକରଣ ଓ ବନ୍ଧୁମିଳନ ଏବଂ ୧୦ଟା ୩୦ରେ ପ୍ରତିଭା ସମ୍ମାନ, ସାହିତ୍ୟ ସଭା ଏବଂ କବିତା ପାଠ ଅନୁଷ୍ଠିତ ହେବ ବୋଲି ସଂସଦ ସଭାପତି ପ୍ରଫେସର କୁମୁଦ ଚନ୍ଦ୍ର ଦାଶ, ସମ୍ପାଦକ ରାଧାକାନ୍ତ ମହାନ୍ତି ସୂଚନା ଦେଇଛନ୍ତି।

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ



**ଛେଣ୍ଡିପଦା, ୧୧।୪(ସ୍ୱ.ପ୍ର.)**

ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ' ପ୍ରଧାନ ଆଚାର୍ଯ୍ୟ ବସନ୍ତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସରପଞ୍ଚ ସୁଦୀପ୍ତ ପ୍ରଧାନ, ବାହାଲସାହି ସରପଞ୍ଚ ଅନସୂୟା ସାହୁ, ସଙ୍କୁଳ ପ୍ରମୁଖ ରାଜକିଶୋର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଦୀପକ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିଶୁମନ୍ଦିର ଶିଶୁଙ୍କୁ ଗଢ଼ିବା ନିମନ୍ତେ ନୂତନ ଦିଗଦର୍ଶନ ଦେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ନାରାୟଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଚାର୍ଯ୍ୟ ଦୀପକ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଅମଲାପଡ଼ାରେ ବିଜୟାଦଶମୀ ପୂଜା

ଅନୁଗୋଳ ଅପିସ,୧୧।୪

ଅନୁଗୋଳ ଉପକଣ୍ଠ ଅମଲପଡାଠାରେ ଚାଲିଥିବା ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ସୋମବାର ସମାପନ ହୋଇଛି। ପୂର୍ବାହ୍ନ ୧୧ଟାରେ ବିଜୟାଦଶମୀ ପୂଜା ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତି ରହି ମା'ଙ୍କ ଦର୍ଶନ କରିଥିଲେ। ଅପରାହ୍ନରେ ପୂର୍ଣ୍ଣାହୁତି ପରେ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ହୋଇଥିଲା। ଦିନରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଖିରି, କାକରା ଭକ୍ତମାନଙ୍କୁ ଦିଆଯାଇଥିଲା। ସନ୍ଧ୍ୟାରେ ବାସନ୍ତୀ ନୃତ୍ୟାଳୟ ତରଫରୁ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ମା'ଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ ମହାନ୍ତି, ଉପଦେଷ୍ଟା ଆଇନଜୀବୀ ପ୍ରଦୀପ ଦେବତା ସୂଚନା ଦେଇଛନ୍ତି।

# କୋଶଳା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ




କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ।

**ଛେଣ୍ଡିପଦା, ୧୧।୪(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆରମ୍ଭ ହୋଇଛି ୧୫ ଦିନିଆ ସ୍ୱଚ୍ଛତା ପକ୍ଷ। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗାଁ କଲ୍ୟାଣ ସମିତି, ଉପସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସାଧାରଣଜ୍ଞାନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ମାଧ୍ୟମରେ ହାତଧୁଆ ପ୍ରଣାଳୀ, ସଫାସୁତରା ରହିବା, ପାଇଖାନା ବ୍ୟବହାର ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ଏହି ଉପଲକ୍ଷେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ପ୍ରଦୀପ ସାହୁଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶିଷ ପାଣି, ନିରାକାର ସାହୁ, ଚିତରଞ୍ଜନ ଦେହୁରୀ, କାର୍ଯ୍ୟକ୍ରମ ପରିଚାଳକ ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା

**ଅନୁଗୋଳ ଅଫିସ,୧୧।୪**



ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଗ୍ରାମବାସୀ ଓ ଅତିଥିମାନେ।

ପବିତ୍ର ରାମନବମୀ ତିଥିରେ ଅନୁଗୋଳ ବ୍ଲକ ବନ୍ତଲା ଉପଖଣ୍ଡ ଅନ୍ତର୍ଗତ ଇଙ୍କରବନ୍ଧ ପଞ୍ଚାୟତର ବଡକଜିନୀ ଗ୍ରାମର ଗୋପୀନାଥ ଅରୁଣୋଦୟ ପୁରାଣ ପରିଷଦ ଦ୍ୱାରା ପ୍ରଥମ ବର୍ଷ ଜିଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରିଷଦ ଆନୁକୂଲ୍ୟରେ ଏବଂ ମା' ହିଙ୍ଗୁଳା ପୁରାଣ ପ୍ରସାର ସମିତି ତାଳଚେର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତି ସମ୍ପାଦକ ବିଭୁତି ଭୂଷଣ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ କମିଟି ସଭାପତି ମଙ୍ଗଲୁ ଚରଣ ସିଂ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ବ୍ଲକ ଉପାଧକ୍ଷ ଦୁର୍ଗାଚରଣ ପ୍ରଧାନ ଏବଂ ଗ୍ରାମ ପୁରାଣ ପରିଷଦ ସଭାପତି ସୁଧାକର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରଜନାଥପୁର, କଙ୍କିଳୀ, ବଡଯୋରଡା, ବଡକଜିନୀ, ବଡ଼ସିଂହଡା, ବଡତ୍ରିବିଡା, ଡେରା, ଗୋବରା, ଜରଡା, ରନ୍ତଲେଇ, ବାଲୁଅକଟା, ସିରିଗିଡା, ପୁରକିଆ, ଶାବଳଭଙ୍ଗା ଆଦି ୧୪ଟି ଗ୍ରାମର ପୁରାଣ ପ୍ରେମୀ ଭାଗ ନେଇଥିଲେ। ବ୍ରଜନାଥପୁର ପ୍ରଥମ ସ୍ଥାନ, କଙ୍କିଳୀ ଦ୍ୱିତୀୟ ଏବଂ ବଡଯୋରଡା ଦଳ ତୃତୀୟ ସ୍ଥାନ ଅଧିକାର କର ପୁରସ୍କାର ହାସଲ କରିଥିଲେ। ହିଙ୍ଗୁଳା ପୁରାଣ ପ୍ରସାର ସମିତି କର୍ମକର୍ତ୍ତା ବିଭୁତି ଭୂଷଣ ସାହୁ, ହେମନ୍ତ କୁମାର ଦାସ, ରାହାସ ଚନ୍ଦ୍ର ବିଶ୍ୱାଳ, ଦିଲୀପ କୁମାର ଦାସ, ତ୍ରେତାନନ୍ଦ ସାମନ୍ତ, ସଞ୍ଜୁକ୍ତା ସାହୁ ପରିଚାଳନା କରିଥିଲେ। ଗ୍ରାମ ପୁରାଣ ପରିଷଦ ତରଫରୁ ସମୀର କୁମାର ମାଝି, ରାଜେଶ ଦାସ, ଗୋବିନ୍ଦ ଦାସ, ସୁନୀଲ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ରାଉତ, ଦେବାଶିଷ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ନାଇଟ୍‌ କ୍ରିକେଟ: କଞ୍ଚୀରା ଫାଇନାଲରେ

**ବଇଣ୍ଡା,୧୧।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ପ୍ରତାପପୁର ଗ୍ରାମ ଖେଳ ପଡିଆରେ ଚାଲିଥିବା ନାଇଟ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚରେ ସରିଗିପାଲି କ୍ରିକେଟ କ୍ଲବକୁ ହରାଇ କଞ୍ଚୀରା କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ସରିଗିପାଲି ବ୍ୟାଟିଂ କରି ୭୩ ରନ ସଂଗ୍ରହ କରିଥିଲା। ଜବାବରେ କଞ୍ଚୀରା ୭୪ ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବିଶ୍ୱରଞ୍ଜନ ପ୍ରଧାନ ଯୋଗଦେଇ ମ୍ୟାନ୍‌ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁକାନ୍ତ ସାହୁ, ହୃଷିକେଶ ପ୍ରଧାନ, ବାନାମ୍ବର ପ୍ରଧାନ, ଜନକ ପ୍ରଧାନ ଯୋଗଦେଇଥିଲେ। ସୌରଭ ମିଶ୍ର ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଛାତରୁ ପଡ଼ି ଯୁବକ ମୃତ

**ଅନୁଗୋଳ ଅପିସ,୧୧।୪**

ଅନୁଗୋଳ ସହର ଶିକ୍ଷକପଡାରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଛାତରୁ ପଡି ହଣ୍ଡପା ଅଞ୍ଚଳର ପ୍ରତାପ ସାହୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସେ ଶିକ୍ଷକପଡାସ୍ଥିତ ସ୍କୁଲ ନିକଟରେ ଭଡ଼ାରେ ରହୁଥିଲେ। ରବିବାର ରାତିରେ ଗୁଳୁଗୁଳି ଯୋଗୁ ସେ ଛାତ ଉପରେ ବୁଲାବୁଲି କରୁଥିଲେ। ତେବେ ସକାଳେ ତାଙ୍କ ମୃତଦେହ ତଳେ ପଡିଥିବା ପଡୋଶୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଅସାବଧାନତା ଯୋଗୁ ପ୍ରତାପ ଛାତ ଉପରୁ ପଡିଯିବା ପରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯକ୍ଷ୍ମା ନିରାକରଣ ସଚେତନତା



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଡେରଙ୍ଗ ଭଣେଶ୍ୱର ସ୍କୁଲର ଛାତ୍ରୀଛାତ୍ର।

**କଣିହାଁ, ୧୧।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଯକ୍ଷ୍ମା ଓ ଅନ୍ୟ ସଂକ୍ରାମକ ରୋଗ ନିରାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲରେ ବକ୍ତୃତା, ରଚନା, ପ୍ରବନ୍ଧ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପୁରସ୍କୃତ କରାଯାଇଥିଲା। କଣିହାଁ ମୁଖ୍ୟ ଚିକିତ୍ସାଧିକାରୀ ସୁମନ୍ତ କୁମାର ପଟେଲ, ଆୟୁଷ ଡାକ୍ତର ଦିଲୀପ ପ୍ରଧାନ, ରାକେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# 'ନିଜେ ପ୍ରୟୋଗ କର, ଅନ୍ୟକୁ ଶିଖାଅ'

**ମାଧପୁର,୧୧।୪**

ଆଠମଲ୍ଲିକ ଉଚ୍ଚ ମାଧମିକ ଶିକ୍ଷାନୁଷ୍ଠାନରେ ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଲକ୍ଷ୍ମୀକାନ୍ତ ମେହେରଙ୍କ ଅଧକ୍ଷତାରେ ସଭା କାର୍ଯ୍ୟ ଆୟୋଜିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଅଧକ୍ଷ ମେହେର ଉଦ୍‌ବୋଧନ ଦେଇ ଆବଶ୍ୟକ ପଡ଼ିଲେ ଏହି କୌଶଳ ପ୍ରୟୋଗ କରିବା ସହିତ ଅନ୍ୟ ଝିଅମାନଙ୍କୁ ପ୍ରଶିକ୍ଷଣ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନ ଅଧାପକ ବ୍ରଜଗୋପାଳ ମିଶ୍ର ଯୋଗଦେଇ ଛାତ୍ରୀମାନେ କିଭଳି ନିଜେ ନିଜର ସୁରକ୍ଷା କରିପାରିବେ ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟବାହୀ ଅଧିକାରୀ ଅଧାପିକା ଶାନ୍ତି ପଣ୍ଡା ଛାତ୍ରୀମାନେ ମାନସିକ ଏବଂ ଶାରୀରିକ ସ୍ତରରେ ଦୃଢ଼ ରହିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ସଭାରେ ଯୋଗ ପ୍ରାଣାୟମ ପ୍ରଦର୍ଶନ କରିଥିଲେ। ପରେ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଧାପିକା କ୍ଷୀରୋଦିନୀ ଜୟ ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ମହାଧିବେଶନ ସଫଳ ସମ୍ପର୍କରେ ଆଲୋଚନା

**ବଇଣ୍ଡା,୧୧।୪(ଡି.ଏନ.ଏ.)**

ଅଖିଳ ଭାରତୀୟ ଗୋଣ୍ଡୱାନାର ଅନ୍ତଃରାଷ୍ଟ୍ରୀୟ ମହାଧିବେଶନ ଡିସେମ୍ବର ମାସରେ ଅନୁଷ୍ଠିତ ହେବ। ଏ ନେଇ ରବିବାର କିଶୋରନଗର ବ୍ଲକ ନାକିଚି ଡାକ ବଙ୍ଗଳା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ସଭାପତି ସଦାଶିବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପ୍ରଦେଶ ମହିଳା ଅଧକ୍ଷା ସୁକାନ୍ତିବାଳା ନାୟକ, ମୁଖ୍ୟବକ୍ତା ଭାବେ ପ୍ରଦେଶ ଅଧକ୍ଷ ମହେନ୍ଦ୍ର ନାୟକ, ଜିଲା ମହିଳା ସଭାପତି ଶୋଭାଙ୍ଗିନୀ ନାୟକ, ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ, ଚୂଡାମଣି ଧରୁଆ, ସୁଜାତା ନାୟକ, ବିଦ୍ୟାଧର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀଦିନରେ ଓଡ଼ିଶାରେ ହେବାକୁ ଥିବା ୫ଦିନିଆ ଅନ୍ତଃରାଷ୍ଟ୍ରୀୟ ଗୋଣ୍ଡୱାନା ମହାଧିବେଶନର ସଫଳ ରୂପାୟନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଗୋଣ୍ଡ ସଂସ୍କୃତି ଉପରେ ଖ୍ୟାତି ଅର୍ଜନ କରିଥିବା ବିଭିନ୍ନ ଦେଶର ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, ସମ୍ବଲପୁର, କନ୍ଧମାଳ, ଝାରସୁଗୁଡା, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡା ଆଦି ୨୦ ଜିଲାରୁ ସଦସ୍ୟମାନେ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ମୁଖ୍ୟଅତିଥିଙ୍କ ସମେତ ଅନ୍ୟମାନେ।

